ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ,ପାପଡାହାଣ୍ଡି
ଜିଲ୍ଲା- ନବରଙ୍ଗପୁର

ବିଜ୍ଞାପନ ସଂଖ୍ୟା :୧୧୦୯୨୬ ବିଜ୍ଞାପନ ତା: ୧୧.୧୧.୨୦୨୬

ଏତଦ୍ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ,ପାପଡାହାଣ୍ଡି ଅନ୍ତର୍ଗତ **ଅଙ୍ଗନୱାଡି କେନ୍ଦ୍ର ରେ ଅଙ୍ଗନୱାଡି କର୍ମୀ ନିୟୋଜନ** ନିମନ୍ତେ ପମ୍ବନ୍ଧ ଗ୍ରାମ / ଗ୍ରାମ ପଂଚାୟତ ର ମହିଳା ପାର୍ଥିନୀ ମାନଙ୍କ ଠାରୁ ONLINE PORTAL ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଇଅଛି । ଉକ୍ତ ମହିଳା ପାର୍ଥିନୀ **ତା ୧୨ .୧୧ .୨୦୨୬** ଖ୍ରିଷ୍ଟ ଠାରୁ **ତା ୨୬ .୧୧ .୨୦୨୬** ଖ୍ରିଷ୍ଟ ସୁଦ୍ଧା ONLINE ମାଧ୍ୟମରେ ଆବେଦନ କରିପାରିବେ ।

ପ୍ରକାଶ ଥାଉକି ଏହି ବିଜ୍ଞାପନ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରିବ । ନିମ୍ନରେ ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ବିବରଣୀ ପ୍ରଦାନ କରାଗଲା ।

କ୍ରମିକ ସଂଖ୍ୟା	ଗ୍ରାମ ପଂଚାୟତ ର ନାମ	ଅଙ୍ଗନୱାଡି କର୍ମୀ ପଦ ଖାଲିଥିବା ଅଙ୍ଗନୱାଡି କେନ୍ଦ୍ର ର ନାମ	ଅଙ୍ଗନୱାଡି କେନ୍ଦ୍ର ର ସେବା ପରିସର
୧.	ପାତ୍ରୀ	ଖଲିଗୁଡା -୧	ଘର ସଂଖ୍ୟା – ୧ – ବିରେନ୍ଦ୍ର ହିଆଲ ଘର ସଂଖ୍ୟା -୨୧୮ – ହିରାମଣି ଭୂମିଆ
୨.	ନାଜଟିଗୁଡ଼ା	ନୀଳାଦ୍ରୀଗୁଡ଼ା	ଘର ସଂଖ୍ୟା – ୧ – ସାନୁ ଉତ୍ତା ଘର ସଂଖ୍ୟା -୧୧୦ – ମନ ଉତ୍ତା

ଆବେଦନ ର ଆରମ୍ଭ ତାରିଖ	୧୨ .୧୧ .୨୦୨୬
ଆବେଦନ ର ଅନ୍ତିମ ତାରିଖ	୨୬ .୧୧ .୨୦୨୬
ପାର୍ଥିନୀଙ୍କ ମୂଳ ପ୍ରମାଣ ପତ୍ର /ସାର୍ଟିଫିକେଟ ଯାଞ୍ଚ ତାରିଖ	୨୭ .୧୧ .୨୦୨୬ ସମୟ – ଦିବା ୧୧ ଘଟିକା . ସ୍ଥାନ -ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ,ପାପଡାହାଣ୍ଡି

ବିଶେଷ ଦ୍ରଷ୍ଟବ୍ୟ : – ସମସ୍ତ ପାର୍ଥିନୀ ଙ୍କୁ ଅବଗତ କରାଇ ଦିଆଯାଇଛି ଯେ ବିଜ୍ଞାପନ କୁ ଠିକ ଭାବେ ପଢିବେ ଏବଂ ଏହା ମଧ୍ୟ କୁହାଯାଉଛି ଯେ ପ୍ରମାଣ ପତ୍ର ଯାଞ୍ଚ ଦିନ କାର୍ଯ୍ୟାଳୟ ତରଫରୁ କୌଣସି ଫୋନ କଲ କିମ୍ବା ମେସେଜ କରାଯିବ ନାହି । ପାର୍ଥିନୀ ମାନଙ୍କୁ ଏହା ମଧ୍ୟ ସୁଚାଇ ଦିଆଯାଉଛି ଯେ କାର୍ଯ୍ୟାଳୟ ତରଫରୁ ପାର୍ଥିନି ଙ୍କୁ ଅଙ୍ଗନୱାଡିକର୍ମୀ ପଦବୀ ଦେବାକୁ କୌଣସି ଅର୍ଥ ମଗାଯାଉନାହି ଯଦି କୌଣସି ବ୍ୟକ୍ତି ଆପଣଙ୍କୁ ଏ ସମ୍ବନ୍ଧ ରେ ଜଲ କରନ୍ତି ତେବେ ତୁରନ୍ତ ସିଡ଼ିପିଓ ଙ୍କ ଦୃଷ୍ଟିଗୋଚର କରିବେ ।

ଉକ୍ତ ପାର୍ଥିନୀ ମାନେ Website : http://engagement–awc.odisha.gov.inରେ publicsignup କୁ ଯାଇ registration କରି ନିଜର username ଏବଂ password ସୃଷ୍ଟି କରିବେ ତାପରେ public login କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ କରି ତତ ସମ୍ବନ୍ଧୀୟ ପ୍ରାପ୍ତି ସ୍ୱୀକୃତି ପାଇ ପାରିବେ।

ନିମ୍ନ ଲିଖିତ ଯୋଗ୍ୟତା ଥିବା ଇଚ୍ଛୁକ ପାଥିନୀ ଆବେଦନ କରିପାରିବେ ।

୧) ପାଥିନୀ ଙ୍କ ବୟସ ତା ୦୧.୦୧.୨୦୨୬ ରିଖ ସୁଧା ୧୮ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୨) ପାଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ରୁ ସ୍ଥାୟୀ ବାସିନ୍ଦା ହୋଇଥିବେ । (ସ୍ଥାନୀୟ ତହସିଲଦାର ଙ୍କ ଠାରୁ ପାଇଥିବା ପ୍ରମାଣପତ୍ର ର ସହି ନକଲ) ସରପ୍ତ କରିବେ ।

୩) ପାଥିନୀ ଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁନ୍ୟ **ଯୁକ୍ତ ଦୁଇ ବିମ୍ବା ଡିପ୍ଲୋମା ଇଞ୍ଜିନିଅରିଂ** ପାସ ହୋଇଥିବା ଆବଶ୍ୟକ ।

୪) ପାଥିନୀ ଯେହେତୁ ଛୋଟ ପିଲା ,ଗର୍ଭବତୀ ,ପ୍ରସୂତା ମା ଙ୍କ ସହ କାର୍ଯ୍ୟ କରିବେ ସେଥି ପାଇଁ **ଓଡିଆ** ଜାଣିଥିବା ନିହାତି ଜାଣିଥିବା ଆବଶ୍ୟକ ।

ଚୟନ ପ୍ରକ୍ରିୟା

୫)ଯେହେତୁ ଭାରତ ର ସମ୍ବିଧାନ ର ଅନୁଚ୍ଛେଦ ୨୪୪(କ) ର ପଞ୍ଚମ ଅନୁସୂଚୀ ଅନୁସାରେ ନବରଙ୍ଗପୁର ଜିଲ୍ଲା ଏକ Scheduled area/ଅନୁସୂଚିତ ଅଞ୍ଚଳ ତେଣୁ ଜିଲ୍ଲାର ଅଙ୍ଗନୱାଡି କେନ୍ଦ୍ର ମାନଙ୍କ ରେ ଅଙ୍ଗନୱାଡି କର୍ମୀ ପଦବୀର ଚୟନ ପ୍ରକ୍ରିୟା ରେ କେବଳ ଅନୁସୂଚିତ ଜନଜାତି(ଏସଟି) ପାଥିନୀଙ୍କୁ ଅଗ୍ରାଧିକାର ଦିଆଯିବ ।

- ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିଭାଗ ନିର୍ଦ୍ଦେଶାବଳି ପତ୍ର ସଂଖ୍ୟା - ୪୯୭୦ ତାରିଖ – ୧୫.୩.୨୦୨୩ ଓ ପତ୍ର ସଂଖ୍ୟା ୧୯୦୪୫ ତାରିଖ – ୨୮.୮.୨୦୨୪ ଅନୁସାରେ ପ୍ରଥମେ ଅଙ୍ଗନୱାଡି କେନ୍ଦ୍ର ର ସେବାଞ୍ଚଳ(service area) ରେ ରହୁଥିବା ଅନୁସୂଚିତ ଜନଜାତି(ST) ର ପାର୍ଥୀନି ଙ୍କୁ ଅଗ୍ରାଧିକାର(preference) ଦିଆଯିବ । ଯଦି ଅଙ୍ଗନୱାଡି କେନ୍ଦ୍ର ସେବାଅଞ୍ଚଳ ପରିସରରେ ଅନୁସୂଚିତ ଜନଜାତି(ST) ପାଥିନୀ ନ ଥାନ୍ତି ତେବେ ସେହି ଗ୍ରାମ ପରିସରରୁ ଅନୁସୂଚିତ ଜନଜାତି ପାଥିନୀ ଙ୍କୁ ଚୟନ କରାଯିବ ଯଦି ଅନୁସୂଚିତ ଜନଜାତି ପାଥିନୀ ସେହି ଗ୍ରାମ ପରିସର ରୁ ନଥାନ୍ତି ତେବେ ସେହି ଗ୍ରାମ ପଂଚାୟତ ର ଯେକୌଣସି ଗ୍ରାମ ର ଅନୁସୂଚିତ ଜନଜାତି (ST) ପାର୍ଥୀଙ୍କୁ ଚୟନ କରାଯିବ ।
- ତେବେ ଉକ୍ତ ଉପର ଲିଖିତ ନିୟମାନୁଯାୟୀ କୌଣସି କ୍ଷେତ୍ର ରେ ଯଥା ସେବାଞ୍ଚଳ / ଗ୍ରାମ ପରିସର / ପଂଚାୟତ ପରିସର ରୁ ଯୋଗ୍ୟ ଅନୁସୂଚିତ ଜନଜାତି(ST) ପାଥିନୀ ନ ଥାନ୍ତି ତେବେ ଉକ୍ତ ଚୟନ ପ୍ରକ୍ରିୟା ରେ ଯୋଗ୍ୟତା ଭୀତି ରେ ଉପର ଲିଖିତ ଚୟନ ପ୍ରକ୍ରିୟା ଅନୁଯାୟୀ ଅନୁସୂଚିତ ଜାତି (sc)ର ପାଥିନୀଙ୍କୁ ଚୟନ କରାଯିବ । ଯଦି ଅନୁସୂଚିତ ଜାତି(SC) ଓ ଅନୁସୂଚିତ ଜନଜାତି(ST) ପାର୍ଥୀନି ଅଙ୍ଗନୱାଡି ସେବା ପରିସର /ଗ୍ରାମ ପରିସର / ସେହି ଗ୍ରାମ ପଂଚାୟତ ପରିସର ରୁ ନମିଳନ୍ତି ସାଧାରଣ ବର୍ଗର ପାଥିନୀଙ୍କୁ ଯୋଗ୍ୟତା ଭିତିରେ ଚୟନ କରାଯିବ ।
- ବିଶେଷ ଦ୍ରଷ୍ଟବ୍ୟ – ପ୍ରକ୍ରିୟା ରେ ଜାତି କୁ ଚୟନ କଲା ପରେ ଶିକ୍ଷାଗତ ମାର୍କ ଓ ସରକାରୀ ନିର୍ଦ୍ଦେଶାବଳି ଅନୁସାରେ ଦିଆଯାଇଥିବା ମାର୍କ ଅନୁସାରେ ଚୟନ କରାଯିବ ।

୬) ଅଙ୍ଗନୱାଡି ସହାୟିକା ,କୌଣସି ଜାତି ବର୍ଗ ର ଅନ୍ତର୍ଗତ ଅଙ୍ଗନୱାଡି କର୍ମୀ ରୂପେ ପଦବାଚ୍ୟ ହେବେ ଯବି ସହାୟିକା ଙ୍କ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ଥାଏ ,ଏବଂ ସେ ଅନୁନ୍ୟ ୫ ବର୍ଷ ବା ତଦୁର୍ଦ୍ଧ ବର୍ଷ ଅଙ୍ଗନୱାଡି ସହାୟିକା ରୂପେ କାର୍ଯ୍ୟ କରିଥିବେ ।ଏଭଳି କ୍ଷେତ୍ର ରେ ପାଥିନୀ ଙ୍କ ବୟସ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଛାଡ କରାଯାଇ ପାରେ ।

୭) ବାଲ ଜାତି କର୍ମୀ ଅଙ୍ଗନୱାଡି କର୍ମୀ ପଦ ପାଇଁ ଯୋଗ୍ୟ ବିବେଚିତ ହେବେ ଯଦି ତାଙ୍କର ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ଥାଏ ଏବଂ ସେ ବାଲୱାଡି କର୍ମୀ ରୂପେ ଅନୁନ୍ୟ ୫ ବର୍ଷ କାମ କରିଥିବେ ।ଏଭଳି କ୍ଷେତ୍ର ରେ ପାଥିନୀ ଙ୍କ ବୟସ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଛାଡ କରାଯାଇ ପାରେ ।

Scanned with OKEN Scanner

୮) ମିନି ଅଙ୍ଗନୱାଡି କର୍ମୀ ଙ୍କ ଏକ ବର୍ଷ ଅଭିଜ୍ଞତା ଏବଂ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ଥାଏ ତେବେ ସେ ଅଙ୍ଗନୱାଡି କର୍ମୀ ପଦ ପାଇଁ ଯୋଗ୍ୟ ହେଇ ପାରିବେ ଯଦି ସେ ଅଙ୍ଗନୱାଡି କେନ୍ଦ୍ର ସେବା ଅଞ୍ଚଳ ପରିସର ଭୁକ୍ତ ହୋଇଥିବେ ।

୯) ବିଧବା ,ସ୍ୱାମୀ ପରିତ୍ୟକ୍ତା ,ଅସହାୟ ମହିଳା ,ବିଲଗ୍ନମ ,ଅନାଥ ମହିଳା,ସର୍ବ ଶିକ୍ଷା ଅଭିଯାନରେ ଥିବା ECCEକର୍ମୀ ,ବାଇବାଡି କର୍ମୀ (କେନ୍ଦ୍ର ଚଲାକାରୀ) ପାଥିମୀକୁ (ସଠିକ ପ୍ରମାଣ ପତ୍ର ଥାଇ) ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା +୨ କିମ୍ବା ତଦୁର୍ଦ୍ଧ ଥାଏ ତେବେ ଏହି ପଦବୀ ନିମନ୍ତେ ଅଗ୍ରାଧିକାର ଦିଆଯିବ ।

ଆବେଦନ ପାଇଁ ଆବଶ୍ୟକୀୟ ପ୍ରମାଣ ପତ୍ର :- (ସମସ୍ତ ପ୍ରମାଣ ପତ୍ର ର ଅବିକଳ ନକଲ ସଲଗ୍ନ କରିବେ)

୧) ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ର ଓ ମାର୍କସିଟ (ମାଟ୍ରିକ ପାସ , +୨ /ଡିପ୍ଲୋମା , +୩ ଓ ତଦୁର୍ଦ୍ଧ)

୨) ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ଆବେଦନ ସମୟକୁ ମିଶାଇ ତହସିଲଦାର ଙ୍କ ଠାରୁ ୫ ବର୍ଷ ମଧ୍ୟରେ)

୩) ଜାତିଗତ ପ୍ରମାଣ ପତ୍ର

୪) ପାଥିନୀ ନିଜ ବସ୍ତୁଗତ ,ଭୋଟର ପରିଚୟ ପତ୍ର ,ଆଧାର କାର୍ଡ ,ବର୍ତମାନ ର ପାସପୋର୍ଟ ସାଇଜର ଫଟୋ ଅନଲାଇନ ରେ upload କରିବେ ।

୫) ବିଧବା ,ସ୍ୱାମୀ ପରିତ୍ୟକ୍ତା ,୩୫ ବର୍ଷ ରୁ ଉର୍ଦ୍ଧ ଅବିବାହିତ ମହିଳା ,ଅସହାୟ ମହିଳା ,ବିଲଗ୍ନମ ଓ ECCE କର୍ମୀ ଙ୍କର ପ୍ରମାଣ ପତ୍ର ।

ବି.ଦ୍ର. ସମସ୍ତ ଆନୁଷଙ୍ଗିକ ପ୍ରମାଣ ପତ୍ର ର ନକଲ (Attestedcopy)ଅନଲାଇନ ଫର୍ମ ରେ ଅପଲୋଡ କରିବେ ।କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହି ।

ଅସମ୍ପୂର୍ଣ ତଥା ଆବଶ୍ୟକ ପ୍ରମାଣ ପତ୍ର upload ହେଇ ନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।ପ୍ରାପ୍ତ ହୋଇଥିବା ସମସ୍ତ ଅନଲାଇନ ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ ।ଏଣୁ ନିଜର ମୂଳ ପ୍ରମାଣ ପତ୍ର ଗୁଡିକ ସହ ନିମ୍ନ ସ୍ୱାକ୍ଷରକାରି ଙ୍କ କାର୍ଯ୍ୟାଳୟ ରେ ତା ୨୭ .୧୧ .୨୦୨୬ ରିଖ ସମୟ ୧୧ ଘଟିକା ରେ ବ୍ୟକ୍ତିଗତ ଭାବେ ଶିଶୁ ବିକାଶ ପ୍ରକଳ୍ପ,ପାପଡାହାଣ୍ଡି ଠାରେ ଉପସ୍ଥିତ ରହି ଯାଞ୍ଚ କମିଟି ଦ୍ୱାରା ହେଉଥିବା ଯାଞ୍ଚ ପ୍ରକ୍ରିୟା ରେ ଭାଗ ନେବେ ଯଦି ଅନୁପସ୍ଥିତ ରୁହନ୍ତି ତେବେ ଆବେଦନ ଦରଖାସ୍ତ ବୁ ଝ କରାଯିବ ଏବଂ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେ ନାହି ।

ଖାରଜ ହୋଇଥିବା କିମ୍ବା ଜାୟମ ହୋଇଥିବା ଆବେଦନକାରୀଙ୍କ ତାଲିକା online ୱେବସାଇଟ : http//engagement-awc. odisha.gov.in ମାଧ୍ୟମରେ ପ୍ରକାଶ କରାଯିବ ।ଯଦି କୌଣସି ଆବେଦନକାରୀଙ୍କ ଅଭିଯୋଗ ଥାଏ ,ସେମାନେ publiclogin ମାଧ୍ୟମରେ ନିଜ userID ଏବଂ password ଦେଇ ଅଭିଯୋଗ ବାଖଲ କରିପାରିବେ ।

ଅଙ୍ଗନୱାଡି କର୍ମୀ ପଦବାଟା ନହୋଇ ଏହା ଏକ ସ୍ୱେଚ୍ଛାସେବି ହୋଇଥିବାରୁ ଅଦୈତନିକ ଏବଂ ସାମାଜ ସେବାକରିବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ,ଉକ୍ତ ପଦ ପାଇଁ ପରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ଦରମା ର ବ୍ୟବସ୍ଥା ନାହି କିମ୍ବା ନିୟମିତ ଚାକିରି ନୁହେ ।

ତେଣୁ ଓଡିଶା ସରକାରଙ୍କ ଓ. ଆର. ଜି ନିୟମ ୧୯୭୫ କିମ୍ବା ସଂସ୍ଥାନ ନିୟୋଜନ ଆକ୍ତନ ୧୯୫୯,ଏହି କ୍ଷେତ୍ରରେ ଲାଗୁହେବ ନାହି କିମ୍ବା ସରକାରୀ ପଦାବାଟ୍ୟ ନେବ ବୋଲି କହି ପାରିବେ ନାହି ।ସରକାରଙ୍କ ନିୟମ ଅନୁଯାୟୀ ମାସିକ ହାରରେ ଅଙ୍ଗନୱାଡି କର୍ମୀ ଙ୍କୁ ପାରିଶ୍ରମିକ ଦିଆଯାଇଥାଏ ,ଯାହାକି ବର୍ତମାନ ଯାହେ ମାସକୁ ୧୦୦୦୦(ଦଶ ହଜାର)ଟଙ୍କା ଦିଆଯାଉଛି ।

ଇପତିହାପାଳ ,ନବରଂଗପୁର ଙ୍କ ଆଦେଶାନୁକ୍ରମେ

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ପାପଡାହାଣ୍ଡି ୧୫.୧୧.୨୦୨୬

Scanned with OKEN Scanner

(5)

ପରିପତ୍ର ସଂଖ୍ୟା -୧୦୪୫/୨୬ ତାରିଖ: ୧୧.୧୧.୨୦୨୫

ଏହାର ଏକଜିତାନକଲ ଉପ –ଜିଲ୍ଲାପାଳ ,ନବରଙ୍ଗପୁର –ତଥା –ଅଧ୍ୟକ୍ଷ –ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ/ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ,ନବରଙ୍ଗପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ପାପଡାହାଣ୍ଡି ୧୧.୧୧.୨୦୨୫

ପରିପତ୍ର ସଂଖ୍ୟା୧୧୦୫୮ / ୨୬ ତାରିଖ: ୧୧.୧୧.୨୦୨୫

ଏହାର ଏକାଜିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ପାପଡାହାଣ୍ଡି ,ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ପାପଡାହାଣ୍ଡି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ପାପଡାହାଣ୍ଡି ୧୧.୧୧.୨୦୨୫

ପରିପତ୍ର ସଂଖ୍ୟା୧୧୦୬ / ୨୬ ତାରିଖ: ୧୧.୧୧.୨୦୨୫

ଏହାର ଏକାଜିତା ନକଲ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ,ପାପଡାହାଣ୍ଡି ର ନୋଟିସ ବୋର୍ଡ /କାଚଟିଗୁଡା ଏବଂ ପାଟ୍ଟୀ ସରପଞ୍ଚ /ସମ୍ପୃକ୍ତ ଗ୍ରାମ ର ୱାର୍ଡ ମେମ୍ବର / ମଣ୍ଡଳ ପରିଦର୍ଶୀକା ଜଡାବାଲ , ଡୁମୁର୍ଗା ଙ୍କ ଅବଗତି ପାଇଁ ଏବଂ ଜଣାରା ଜାରି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ୧୧.୧୧.୨୦୨୫
ପାପଡାହାଣ୍ଡି

Scanned with OKEN Scanner